# ଗୋପାଳନରେ ଥିବା ମୁଖ୍ୟ ସମସ୍ୟା ଓ ତାର ସମାଧାନ

ରଞ୍ଜନ କୁମାର ମହାନ୍ତ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ତୁଷାର ରଞ୍ଜନ ସାହୁ,
ମନିଷ ଚୌରସିଆ ଓ ପର୍ଶୁରାମ ସାମଲ

ଗୋପାଳନ ଆମର ଏକ ବହୁ ପୁରାତନ ରୋଜଗାର ଉତ୍ସ । ଭାରତ କ୍ଷୀର ଉତ୍ପାଦନରେ ବିଶ୍ୱରେ ଏକନମ୍ବର ହେଲେ ମଧ୍ୟ ଆମ ଓଡିଶାର କ୍ଷୀର ଉତ୍ପାଦନ ଗାଇପିଛା ବହୁତ କମ୍ ଏହାର କାରଣ ଆମର ଚାଷୀଭାଇମାନଙ୍କର ନୂତନ ଜ୍ଞାନକୌଶଳ ବିଷୟରେ ଅଜ୍ଞତା ତଥା ବିଭିନ୍ନ ସମସ୍ୟା ଯଥା ସୁଷମ ଖାଦ୍ୟର ଅଭାବ, ଗାଈଗାରୁଙ୍କ ଉପଯୁକ୍ତ ଯତ୍ନ ନ ନେବା, ଗୁହାଳ ଠିକ୍ ନ ଥିବା, ରୋଗ ପ୍ରତିଷେଧକ ବ୍ୟବସ୍ଥା ଠିକ୍‌ରେ ନ କରିବା, କୃମି ପ୍ରତିକାର ନ କରିବା, ଥନହରା ରୋଗ ଓ କ୍ଷୀର ଠିକ୍‌ରେ ନ ଦୁହିଁବା, ଗାଈ ଗୋରୁଙ୍କୁ ଯଥାର୍ଥ ପରିମାଣରେ ସବୁଜ ଘାସ ନ ଦେବା, ଗାଈ ଠିକ୍‌ରେ ନ ବାଛିବା, ପ୍ରଜନନ ସମସ୍ୟାକୁ ସଠିକ୍ ଭାବେ ଗୁରୁତ୍ୱ ନ ଦେବା ଏବଂ ରୋଗ ହେଲେ ଡାକ୍ତରଙ୍କ ପାଖକୁ ବିଳମ୍ବର ନେବା ମୁଖ୍ୟ କାରଣ ।

## ସୁଷମ ଖାଦ୍ୟର ଅଭାବ



ଗାଈର ଶରୀରର ରକ୍ଷଣାବେକ୍ଷଣ, ଗର୍ଭରେ ଥିବା ଭ୍ରୂଣର ଯତ୍ନ ତଥା କ୍ଷୀର ଠିକ୍ ପରିମାଣରେ ଦେବାରେ ଖାଦ୍ୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଖାଦ୍ୟାଭାବରେ ଗାଈର ନିଜର ବିକାଶ ବାଧାପ୍ରାପ୍ତ ହେବା ସହିତ, ଗର୍ଭରେ ବଢୁଥିବା ବାଛୁରୀର ମଧ୍ୟ ଠିକ୍ ଭାବେ ବିକାଶ ହୋଇ ନ ଥାଏ । ତେଣୁ ସେ ପରବର୍ତ୍ତୀ ସମୟରେ ଏକ ଭଲ ଗାଈ ଅଥବା ବଳଦରେ ପରିଣତ ହୋଇ ପାରି ନ ଥାଏ । ଏହାଛଡା କ୍ଷୀରରେ ବାହାରି ଯାଉଥିବା ଉପାଦାନ ଗୁଡିକ ନିଜ ରକ୍ତ, ମାଂସ ଓ ହାଡରୁ ନେଇଥାଏ, ଏବଂ ଗାଈ ନିଜକୁ ବଞ୍ଚାଇବାକୁ ଯାଇ କ୍ଷୀରର ପରିମାଣ କମ୍ କରିଦିଏ ଏବଂ କ୍ଷୀର ଦେବା ଶୀଘ୍ର ବନ୍ଦ କରିଦିଏ । ଅଧିକ କ୍ଷୀର ଦେଉଥିବା ଶଙ୍କର ଜାତୀୟ ଗାଈ ଠିକ୍‌ରେ ଖାଦ୍ୟ ନ ପାଇଲେ ଶରୀରରୁ ଖାଦ୍ୟସାର କ୍ଷୀରରେ ବାହାରି ଯାଉଥିବାରୁ ଧୀରେ ଧୀରେ କ୍ଷୀର ଦେବା କ୍ଷମତା ତଥା ଶରୀର ନଷ୍ଟ ହୋଇ ଥାଏ । ତେଣୁ ପଶୁ ମାନଙ୍କୁ ସଠିକ୍ ସମୟରେ ଯଥେଷ୍ଟ ପରିମାଣରେ ଖାଦ୍ୟସାର ଦେଲେ ଆମେ ଭଲ କ୍ଷୀର ପାଇବା ସହିତ ଏକ ଭଲ ଗାଈ ବା ବଳଦ ତା ପିଲାଙ୍କ ଠାରେ ପାଇଥାଉ ।

ଧରନ୍ତୁ ଚଷୀଭାଇଙ୍କ ସମ୍ବଳ କମ୍ ଅଛି, ତଥାପି ସେ କିଛି ଶସ୍ୟ ଜାତୀୟ, କିଛି ଡାଲିଜାତୀୟ ତଥା ଚୋକଡ ଓ କୁଣ୍ଡା ସହିତ ଖଣିଜ ମିଶ୍ରଣ ଓ ଲୁଣ ଅତି କମ୍‌ରେ ଗାଈର ତିନୋଟି ସମୟରେ ନିଶ୍ଚିତ ଦିଅନ୍ତୁ । (୧) ଗରମ ଆସିବା ପୂର୍ବରୁ ୩୦ ଦିନ (୨) ଗର୍ଭର ୬ ମାସ ପରେ ୯୦ ଦିନ ଏବଂ (୩) ବାଛୁରୀ ଜନ୍ମ ଠାରୁ ୯୦ ଦିନ ପର୍ଯ୍ୟନ୍ତ । ଖାଲି ଖଣିଜ ମିଶ୍ରଣ ଦିନକୁ ୨୦-୪୦ ଗ୍ରାମ୍ ଦେଇ ମାତ୍ର କିଛି ଟଙ୍କା ଖର୍ଚ୍ଚ କଲେ ଆମ ଆଖି ଆଗରେ ଗାଈ ଓ ବାଛୁରୀ ଦେହରେ ପରିବର୍ତ୍ତନ ଆମେ ଲକ୍ଷ୍ୟ କରି ପାରିବା । ଏହାଛଡା ଶରୀରର ସବୁଠାରୁ ମୂଲ୍ୟବାନ ଉପାଦାନ ପାଣି ଗାଈକୁ ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ ।

## ଗୁହାଳ ଓ ପରିବେଶର ଯତ୍ନ



ମଣିଷ ହେଉ ବା ପଶୁ ସମସ୍ତେ ଭଲ ପରିବେଶରେ ରହିଲେ ଫଳାଫଳ ଭଲ ମିଳିଥାଏ । ଗୁହାଳ ଏପରି ହେବା ଉଚିତ୍ ଯେପରିକି ପବନ ଝରକା ଓ କବାଟ ଦେଇ ଏପାଖରୁ ସେ ପାଖ ଯାଇ ପାରୁଥିବ ତଥା ସୂର୍ଯ୍ୟାଲୋକ ଘର ଭିତରେ ପଡି ପାରୁଥିବ । ଭୂଇଁ ଆବଡା ଖାବଡା ନ ହେବା ଦରକାର ଏବଂ ପାଣି ଓ ମୂତ୍ର ଗଡି ଯାଉଥିବ । ଆଖ ପାଖରେ ଅନାବନା ଗଛ ଓ ବୁଦା ରଖନ୍ତୁ ନାହିଁ ତଥା ଗୁହାଳକୁ ଫିନାଇଲ୍ ଓ ଚୂନ ରେ ବିଶୋଧନ କରନ୍ତୁ। ଆବଶ୍ୟକ ଅନୁସାରେ ଟିଙ୍କ ଔଷଧ ସ୍ପ୍ରେ କରି ବାହ୍ୟକୃମିଜନିତ ରୋଗରୁ ରକ୍ଷା କରନ୍ତୁ ।

## କୃମିଜନିତ କ୍ଷତି



କୃମି (ବାହ୍ୟ କୃମି-ଶରୀର ବାହାରେ ଥାନ୍ତି ତଥା ଅନ୍ତଃ କୃମି- ଶରୀର ମଧ୍ୟରେ ଥାନ୍ତି) ଶରୀରର ଖାଦ୍ୟ ସାରରୁ ପାଖାପାଖି ୩୦-୪୦ ଭାଗ ନିଜେ ଖାଇଥାନ୍ତି । ବାହାରକୁ ଲୋମ ଟାଆଂଶ ଦେଖାଯାଏ ଏବଂ ସେମାନେ ଘର, କାନ୍ଥ ଓ ଗଛରେ ଘସି ହୁଅନ୍ତି । ତେଣୁ ପ୍ରତି ୩-୪ ମାସ ବ୍ୟବଧାନରେ ଗ୍ରାମବାସୀମାନେ ଏକତ୍ର ହୋଇ କୃମି ରୋଗ ପାଇଁ ନିକଟରୁ ପଶୁ ଚିକିତ୍ସକଙ୍କ ପରାମର୍ଶ ନେଇ କୃମି ଔଷଧ ଦିଅନ୍ତୁ । ଗୋବର ପରୀକ୍ଷା କରି ସରକାରଙ୍କ ତରଫରୁ ମିଳୁଥିବା କୃମି ଔଷଧ ବ୍ୟବହାର କରି ଗାଈ ଗୋରୁଙ୍କୁ ସୁସ୍ଥ ରଖନ୍ତୁ । ଗର୍ଭବତୀ ଗାଈ ଅଥବା ରୋଗୀଣା ପଶୁମାନଙ୍କୁ କୃମି ଔଷଧ ଦେବା ପୂର୍ବରୁ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । କୃମିନାଶକ ଔଷଧ ଦେବା ପରେ ପଶୁମାନଙ୍କୁ ଖରାକୁ ଛାଡନ୍ତୁ ନାହିଁ । କିଛି କୃମି ଓ ଟିଙ୍କ ଜରିଆରେ ଅନ୍ୟାନ୍ୟ ରୋଗ ମଧ୍ୟ ବ୍ୟାପିଥାଏ । ମୁଖ୍ୟତଃ ବର୍ଷା ଓ ଶୀତ ଦିନେ କୃମି ଗାଈଙ୍କ ସବୁଠାରୁ ଅଧିକ କ୍ଷତି କରିଥାଏ ।

## ବିଭିନ୍ନ ରୋଗର ଲକ୍ଷଣ



ରୋଗର ଲକ୍ଷଣ ଦେଖାଇଲେ ଅର୍ଥାତ୍ ଠିକ୍‌ରେ ନ ଖାଇଲେ, ଝାଡା ପରିସ୍ରାରେ ଦୁର୍ଗନ୍ଧ, ଜ୍ୱର ତଥା କିଛି ଅସାମାନ୍ୟ ଲକ୍ଷଣ ଦେଖାଗଲେ ଯଥା ଶୀଘ୍ର ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ସରକାରଙ୍କର ତରଫରୁ ଥିବା ଟୀକାକରଣ ବ୍ୟବସ୍ଥାର (ସାହାଣା, ବଜବଜିଆ, ଫାଟୁଆ) ଲାଭ ନିଅନ୍ତୁ। ରୋଗର ଚିକିତ୍ସା ଠାରୁ ପ୍ରତିଷେଧକ ବ୍ୟବସ୍ଥା ଶହେ ଗୁଣରେ ଭଲ। ଗାଁ ବାସୀ ମିଳିତ ଭାବେ ଟୀକାକରଣ କଲେ ଟୀକା ଭଲ କାମ କରିଥାଏ। ଏହାଛଡା ସ୍ଥାନ ଅନୁସାରେ ହେଉଥିବା ରୋଗ ଯଥା ଆନ୍ଥ୍ରାକ୍ସ (କିଛି ଉପଦ୍ରବ୍ୟ ସ୍ଥାନ), ଥେଲେରିଓସିସ୍, ଟ୍ରୀପାନୋସୋମିଥାସିସ୍, ବାବେସିଓସିସ୍ (ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନ) ପ୍ରତି ସଜାଗ ରହନ୍ତୁ। ଏହା ଛଡା ଠିକ୍ ଭାବେ ଖାଦ୍ୟ ଓ ଗାଈ ଗୋରୁଙ୍କ ପରିଚାଳନା କଲେ ଆମେ ରୋଗ ମାନଙ୍କୁ କମ୍ କରିଦେଇ ପାରିବା।

## ଥନହରା ରୋଗ



ଗାଈଙ୍କୁ ଠିକ୍ ଭାବେ ପୁରା ମୁଠା କରି ଦୁହଁନ୍ତୁ ଏବଂ ଦୁହାଁଳୀର ହାତ ଓ ବାସନ ସଫା ରଖନ୍ତୁ। ଏହା ସହିତ ନଖ ଉଷୁମ ପାଣିରେ ଦୁହିଁବା ପୂର୍ବରୁ ଥନ ଓ ଚିରକୁ ସଫା କରିବା ଦରକାର। କ୍ଷୀର ଦୁହିଁବା ପରେ ଚିର ଖୋଲାଥାଏ। ତେଣୁ ଦୁହିଁଲା ବେଳେ କିଛି ଖାଦ୍ୟ ଦେଲେ ସେ ଦୁହିଁଲା ପରେ ଶୀଘ୍ର ବସି ଯାଇ ନଥାଏ। ନ ହେଲେ ଜୀବାଣୁ ମାନେ ଚିରରେ ପଶି ନିଜର ବଂଶ ବୃଦ୍ଧି କରି କ୍ଷୀର ଓ ଏହାର ଉପାଦାନ ସବୁ ଖାଇ ଚିର ନଷ୍ଟ କରିଥା'ନ୍ତି । ଦୁହିଁବା ପରେ ଚିରକୁ ପଟାସିୟମ୍ ପରମାଙ୍ଗାନେଟ୍ ଅଥବା ସାଭଲନ୍ ପାଣିରେ ଧୋଇ ମାଷ୍ଟିଲେପ୍ ଲଗାନ୍ତୁ। ଦୁହିଁବା ସମୟ ଓ ବ୍ୟକ୍ତି ବାରମ୍ବାର ବଦଳାନ୍ତୁ ନାହିଁ। ୫-୭ ମିନିଟ୍ ମଧ୍ୟରେ କ୍ଷୀର ଦୁହଁନ୍ତୁ ଏବଂ ଥନରେ କ୍ଷୀର ରହିବାକୁ ଦିଅନ୍ତୁ ନାହିଁ। କୌଣସି ଚିର ଖରାପ ଥିଲେ ଭଲ ଚିରରୁ କ୍ଷୀର ଦୁହିଁବା ପରେ ଖରାପ ଚିରର କ୍ଷୀରକୁ ଦୁହିଁ ଫିଙ୍ଗି ଦିଅନ୍ତୁ।

## ଗାଈର ଗର୍ଭ ଠିକ୍‌ରେ ନ ରହିବା

ଗାଈର ଖାଦ୍ୟରେ ଶକ୍ତିଦାୟକ ଖାଦ୍ୟ, ପୁଷ୍ଟିସାର ତଥା ତମ୍ବା, ଦସ୍ତା, ମାଙ୍ଗାନିଜ୍ ଓ ଲୌହ ଭଳି ଖାଦ୍ୟସାରର ଅଭାବ ହେଲେ ଗାଈ ଠିକ୍‌ରେ ଗର୍ଭ ଯାଇନଥାଏ। ତେଣୁ ସୁଷମ ଖାଦ୍ୟ ଦେଲେ ଗାଈ କମ୍ ଲେଉଟାଇବାର ସମ୍ଭାବନା

ଥାଏ। ଏହାଛଡା ଗାଈର ଦେହରେ କିଛି ରୋଗ ଥିଲେ ମଧ୍ୟ ଏହା ସମ୍ଭବ। ଆମ ରାଜ୍ୟରେ ଖଣିଜ ମିଶ୍ରଣ ଠିକ୍ ଭାବେ ଦେଲେ ପ୍ରାୟ ଶତକଡା ୫୦ ଭାଗ ପ୍ରଜନନ ସମସ୍ୟା ଦୂର କରାଯାଇ ପାରିବ। ଭଲ ଗାଈ ପାଇବା ପାଇଁ ଆମ୍ଭେ ଯଦି ଠିକ୍ ଖାଦ୍ୟ ନ ଦେବା, ତାର ଗୁଣ ସୂତ୍ରରେ ଥିବା ଗୁଣର ବିକାଶ ହେବ ନାହିଁ।

## ସଠିକ ପ୍ରଜାତିର ଗାଈ

ଆମେ ଗାଈ ବାଛିଲା ବେଳେ ନିଜର ଆର୍ଥିକ କ୍ଷମତା, ଖାଦ୍ୟ ଓ ଘରାର ଅଭାବ ତଥା ବାସସ୍ଥାନ ଓ ଜଳବାୟୁ ଦେଖି ରଖିବା ଦରକାର। ଅତି ଭଲ ଗାଈ ରଖି ତା ପାଇଁ ଭଲ ଘର ଓ ଖାଦ୍ୟ ନ ଦେଇ ପାରିଲେ, ଗାଈର କ୍ଷମତା ନଷ୍ଟ ହେବା ହି ସାର ହେବ। ତେଣୁ ଅତ୍ୟଧିକ ଗରମ ସ୍ଥାନରେ ହଲ୍ଷ୍ଟିନ ନ ରଖି ଜର୍ସି ଅଥବା ସିନ୍ଧି କିସମର ଶଙ୍କର ଗାଈ ରଖନ୍ତୁ ଏବଂ ଯେଉଁ ସ୍ଥାନରେ ଖାଦ୍ୟର ପରିମାଣ କମ୍ ରହୁଛି ଦେଶୀ ଅଥବା ହରିଆନା ଗାଈ ରଖନ୍ତୁ।

## ଅନ୍ୟାନ୍ୟ ପଦକ୍ଷେପ



★ ନଡାକୁ କାଟି ଛୋଟ ଛୋଟ କରି ଦିଅନ୍ତୁ।

★ ବଳକା ଭାତ ଗାଈଙ୍କୁ ଦିଅନ୍ତୁ ନାହିଁ।

★ ଗୁହାଳରେ ଖାଇବା ପିଇବାର ଅଲଗା ବ୍ୟବସ୍ଥା ରଖନ୍ତୁ।

★ ଖାଇବା ହଠାତ୍ ବଦଳାନ୍ତୁ ନାହିଁ ଏବଂ ସବୁ ଖାଦ୍ୟକୁ ମିଶାଇ ଖାଇବାକୁ ଦିଅନ୍ତୁ।

★ ଗର୍ଭବତୀ ଗାଈଙ୍କୁ ସୁଷମ ଖାଦ୍ୟ ଦେଉଥିଲେ ଶେଷ ସପ୍ତାହରେ ଖଣିଜ ମିଶ୍ରଣ ଓ ଦାନା କିଛି ପରିମାଣରେ କମ୍ କରନ୍ତୁ।

★ ବାଛୁରୀକୁ ଜନ୍ମର ତିନିଘଣ୍ଟା ମଧରେ ଯଥେଷ୍ଟ କଷକ୍ଷୀର ପିଆନ୍ତୁ।

★ ଉନ୍ନତ ମାନର ଘରା ଅଥବା ସବୁଜ ଘାସ ଖୁଆଇଲେ ଅଧିକ ଲାଭ ମିଳିଥାଏ।

★ ପଶୁମାନଙ୍କର ବୀମା କରନ୍ତୁ।

ଅଗ୍ରଣୀ ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ର କଟକ, ପଶୁ ଚିକିତ୍ସା ଓ ପଶୁପାଳନ ବିଭାଗ ଅଥବା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର (OUAT) ଦୂରଶିକ୍ଷା ବିଭାଗରୁ ଶିକ୍ଷା ଲାଭ କରି ଏ ସବୁ ସମସ୍ୟାର ସମାଧାନ କରିପାରିବେ ।

# ଗୋପାଳନରେ ଥିବା ମୁଖ୍ୟ ସମସ୍ୟା ଓ ତାର ସମାଧାନ


ଭାକୃଅନୁପ
ICAR

କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର : ୧୨
© ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ ୨୦୧୮
ସଂପାଦନା : ଡା. ରଞ୍ଜନ କୁମାର ମହାନ୍ତ
ସହାୟତା : ବିଭୂତି ଭୂଷଣ ପଲାଇ ଓ ଅରବିନ୍ଦ ବିଶୋଇ
E-mail - kvkcuttack@gmail.com, www.kvkcuttackzpdvii.org

NRRI
Estd. 1946

ପ୍ରକାଶକ : ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ
ମୁଦ୍ରଣ : ପ୍ରିଣ୍ଟେକ ଅଫସେଟ୍, ଭୁବନେଶ୍ୱର